## ସଂକ୍ଷେପରେ

### ପତ୍ନୀଙ୍କୁ ନିର୍ଯାତନା, ଜେଲ୍ ଗଲେ ସ୍ୱାମୀ

**ରୂପ୍‌ସା, ୨୫।୧୧(ଡି.ଏନ.ଏ.):** ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ପୋଲିସ ରୂପ୍‌ସା ସାମିଲ ହସନପୁର ଗ୍ରାମର ଅଭିଯୁକ୍ତ ଗୋକୁଳି ବେହେରାଙ୍କୁ ଗିରଫ କରିଛି। ଏନେଇ ପୂର୍ବରୁ ଥାନାରେ ମାମଲା (ନଂ. ୮୬/୧୯) ରୁଜୁ ହୋଇଥିଲା। ରବିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

**ସୋର, ୨୫।୧୧(ଡି.ଏନ.ଏ.):** ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ବିଦୁଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ବୃଦ୍ଧ ଜଣକ ରବିବାର ସନ୍ଧ୍ୟାରେ ରାସ୍ତା ପାରି ହେଉଥିବା ବେଳେ ଏକ ଗାଡ଼ି ଧକ୍କା ଦେଇଥିଲା। ବୃଦ୍ଧଙ୍କ ଘର ଉଦଳା ଥାନା ଅଞ୍ଚଳରେ। ତାଙ୍କ ନାମ ବିରବଲ ସିଂ।

### ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

**ବସ୍ତା, ୨୫।୧୧(ସ୍ୱ.ପ୍ର.):** ବସ୍ତା ବ୍ଲକ ପରିସରରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ ୨୫୧ ଅଭିଯୋଗ ହୋଇଥିଲା। ୧୫୧ ଅଭିଯୋଗର ଫଇସଲା ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ଯୁଗଳ କିଶୋର କୁମାର, ଉପଜିଲାପାଳ ନିଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବି ପ୍ରସାଦ ଛୋଟରାୟ, ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ବିଡିଓ କୁଙ୍କୁମୀନା ଦାସ, ତହସିଲଦାର ନରେନ୍ଦ୍ର ଖମାରୀ ପ୍ରମୁଖ ଜନଶୁଣାଣି ପରିଚାଳନା କରିଥିଲେ। ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଏବଂ ଯନ୍ତ୍ରୀ ଏନେଇ ସହଯୋଗ କରିଥିଲେ।

# ସୁଧୁରୁନି ଡ୍ରେନେଜ ବ୍ୟବସ୍ଥା, ରାସ୍ତାରେ ବସିଲେ ଲୋକେ

**ସୋର, ୨୫।୧୧(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ଅନନ୍ତପୁର, ପାଖର ପଞ୍ଚାୟତର ଚାଷୀମାନେ ଡ୍ରେନେଜ ବ୍ୟବସ୍ଥା ନେଇ ସୋର-ଅନନ୍ତପୁର ରାସ୍ତା ବାଲଙ୍ଗ ଛକଠାରେ ରାସ୍ତା ଅବରୋଧ କରିଛନ୍ତି। ସୋର-ଅନନ୍ତପୁର ରାସ୍ତାର ଉଭୟପଟ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷାରେ ଚାଷ ଜମି ବୁଡ଼ି ଯାଇଥାଏ। ଏପରିକି ରାସ୍ତାରେ ପାଣି ଜମି ରହିବାରୁ ଯାତାୟାତ କରିବା କଷ୍ଟକର ହୋଇପଡିଥାଏ।


ଗ୍ରାମବାସୀ ରାସ୍ତା ଉପରେ ଧାରଣାରେ ବସିଛନ୍ତି।

ଏନେଇ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବିଭାଗ ତରଫରୁ ଡ୍ରେନେଜ୍ ବ୍ୟବସ୍ଥା କରାଯାଉନାହିଁ। ଏହାର ପ୍ରତିବାଦରେ ମହିଳାପୁରୁଷମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଦୀର୍ଘ ସମୟ ଧରି କୌଣସି ଯାନବାହନ ଚଳାଚଳ କରିପାରି ନ ଥିଲା। ସୋର ପୋଲିସ ଓ ଅତିରିକ୍ତ ତହସିଲଦାର ଲିପ୍‌ସା ରାୟ ପହଞ୍ଚି ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଜଳେଶ୍ୱର ବ୍ଲକ ଆଗରେ ଧାରଣା



ବ୍ଲକ ଆଗରେ ମଜଦୁର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ଜଳେଶ୍ୱର, ୨୫।୧୧(ଡି.ଏନ.ଏ.)**

କୃଷକ ଓ ଖେତମଜଦୁରଙ୍କ ସମସ୍ୟା ସମ୍ପର୍କିତ ୧୨ ଦଫା ଦାବି ନେଇ ଓଡ଼ିଶା କୃଷକ ସଭା ଓ ଭାରତ ଖେତମଜଦୁର ୟୁନିୟନ, ଜଳେଶ୍ୱର ବ୍ଲକ କମିଟି ତରଫରୁ ସୋମବାର ଜଳେଶ୍ୱର ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଟଙ୍କା ଦିଆଯବା, ବୁଲ୍‌ବୁଲ୍ ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦିଆଯିବା, ସରକାରୀ ମୂଲ୍ୟରେ ଧାନ କିଣିବା ପାଇଁ ନିୟମ କରାଯିବା, ସମସ୍ତ ଚାଷୀଙ୍କୁ ଋଣ ଛାଡ଼ କରାଯିବା, ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ଦାମ୍‌ରେ କୃଷକଙ୍କଠାରୁ ଫସଲ କିଣାଯିବା, ସାର, ବିହନ ଓ ବିଜୁଳି ସହ ସମସ୍ତ କୃଷି ଉପକରଣର ଦାମ କମାଯିବା, ଧାନ କିଣିବା ପାଇଁ ସମବାୟ ସମିତିରେ ଟୋକନ ବ୍ୟବସ୍ଥା ବନ୍ଦ କରାଯିବା ଆଦି ଅନ୍ତର୍ଭୁକ୍ତ। ଏହି ଦାବିପତ୍ର ଜଳେଶ୍ୱର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ଜଳେଶ୍ୱର ବିଡିଓ ନିତ୍ୟାନନ୍ଦ ସାହୁ ଅନୁପସ୍ଥିତ ଥିବାରୁ ବରିଷ୍ଠ କିରାଣି ଅଧୀର ପ୍ରମାଣିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କମିଟି ସଦସ୍ୟ ଦୀପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଧାରଣା ଓ ବିକ୍ଷୋଭରେ କୃଷକ ସଭା ଜିଲା ସମ୍ପାଦକ ସିତାଂଶୁ ସେନାପତି, ବ୍ଲକ ସମ୍ପାଦକ ରବୀନ୍ଦ୍ର ବାରିକ, ରାଜ୍ୟ ସଦସ୍ୟ ଶିଶିର ହୁଇ, ରାଜପୁର ସରପଞ୍ଚ ଦିଲୀପ ପରିଡା, ଗଣେଶ ଚନ୍ଦ୍ର ଭୂୟାଁ, ସେକ୍ ଅବଦୁଲ ସାଦ୍ଦିକ, ନିରୋଜ କୁମାର ବେହେରା, ପଲଟୁ ଦାସ, ଭାଗବତ ପ୍ରଧାନ, ଲକ୍ଷ୍ମୀଧର ପଲାଇ, ଆରତି ପଲାଇ, ମିନତି ବାରିକ, ଯତୀନ ଜେନା ଓ ମାମି ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ବିଭିନ୍ନ ଦାବି ନେଇ ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ

**ରେମୁଣା, ୨୫।୧୧(ଡି.ଏନ.ଏ.)**

୯ଦଫା ଦାବି ନେଇ ବିଦ୍ୟୁତ୍ ଶ୍ରମିକ, କର୍ମଚାରୀ ଓ ଇଞ୍ଜିନିୟର୍ସ ମିଳିତ ମଞ୍ଚ ପକ୍ଷରୁ ସୋମବାର ରେମୁଣା ନେସ୍କୋ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଛି। ପୂର୍ବତନ ବିଧାୟକ ତଥା ପାୱାର ଏମ୍ପ୍ଲୋଇଜ୍ ୟୁନିୟନ ସଭାପତି ସୁଦର୍ଶନ ଯେନାଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ମଞ୍ଚର ଆବାହକ ତାରାକାନ୍ତ ପଟ୍ଟନାୟକ ଦାବିର ଯଥାର୍ଥତା ସମ୍ପର୍କରେ କହିଥିଲେ। ଦାବିଗୁଡିକ ମଧ୍ୟରେ ଦୀର୍ଘବର୍ଷ ଧରି ଆଉଟସୋର୍ସିଂ ଓ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ବିଦ୍ୟୁତ୍ ଗ୍ରାହକ ଅନୁପାତରେ କର୍ମଚାରୀ ନିଯୁକ୍ତି, ଖାଲି ପଡ଼ିଥିବା ପଦବୀରେ ଯୋଗ୍ୟ ଓ ଅଭିଜ୍ଞ କର୍ମଚାରୀଙ୍କୁ ନିଯୁକ୍ତି ଓ ପଦୋନ୍ନତି, ୨୦୧୫ରେ ବର୍ଦ୍ଧିତ ବେତନର ସମସ୍ତ ବକେୟା ପ୍ରଦାନ, ଘର ଭଡ଼ା ଓ ଚିକିତ୍ସା ଭତ୍ତା ନିୟମିତ ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ପ୍ରତି ନେସ୍କୋ କର୍ତ୍ତୃପକ୍ଷ ଗୁରୁତ୍ୱାରୋପ ନ କଲେ ନେସ୍କୋ ଅଧୀନ ୫ଟି ଜିଲାରେ ବିଦ୍ୟୁତ ବିତରଣ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ମଞ୍ଚର ନେତୃବୃନ୍ଦ ଚେତାବନୀ ଦେଇଥିଲେ। ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ଜତୀନ୍ଦ୍ର ରାୟ, ଇଞ୍ଜିନିୟର ଆସୋସିଏଶନ ସଭାପତି ବସୁ ମଲ୍ଲିକ, ଏଆଇଟିୟୁସିର ରାଜ୍ୟ ଉପସଭାପତି ତଥା ପାୱାର ଏମ୍ପ୍ଲୋଇଜ ୟୁନିୟନର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଜ୍ୟୋତିକୃଷ୍ଣ ବେହେରା ଓ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ପ୍ରମୁଖ ବିଦ୍ୟୁତ୍ ଗ୍ରାହକ ଓ ଶ୍ରମିକ ବିରୋଧୀ ନୀତିକୁ ଦୃଢ଼ ସମାଲୋଚନା କରି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

### ଜେଲ୍ ଗଲେ ଲୁଟେରା

**ରୂପ୍‌ସା, ୨୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ହଳଦୀପଦା ଗ୍ରାମର ଲୁଟ୍ ଅଭିଯୁକ୍ତ ଭାଗୀରଥି ସାହୁଙ୍କୁ ବସ୍ତା ଥାନା ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୩୬୮/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଗତ ୨୩ତାରିଖ ଛାନୁଆ ଗ୍ରାମର ମାନସ ଜେନାଙ୍କ ୪ ବର୍ଷର ପୁଅ ଅଙ୍ଗନୱାଡ଼ି କେନ୍ଦ୍ରରୁ ଫେରୁଥିବା ବେଳେ ଭାଗୀରଥି ଶିଶୁର ବେକରୁ ସୁନା ପଦକ ଝାମ୍ପି ନେଇଥିଲେ। ସ୍ଥାନୀୟ ଜଣେ ନିଶା ବେପାରୀ ଦୋକାନରେ ଏହାକୁ ବିକ୍ରି କରି ବ୍ରାଉନ୍‌ସୁଗାର କିଣିଥିଲେ। ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଧରି ଗଛରେ ବାନ୍ଧି ନିର୍ଘୁମ୍ ମାଡ଼ ମାରିଥିଲେ। ବସ୍ତା ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଉଥିବା ବେଳେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ପୋଲିସକୁ ଅଟକ ରଖି ଛାନୁଆ ଅଞ୍ଚଳର ଅବାଧରେ ଚାଲିଥିବା ନିଶା ବେପାରୀଙ୍କୁ ଗିରଫ କରିବା ସହ ବ୍ୟବସାୟ ବନ୍ଦ କରିବା ପାଇଁ ଜିଦ୍ ଧରିଥିଲେ। ଟାୟାର ଜାଳି ଛାନୁଆରେ ରାସ୍ତାରୋକୋ କରିଥିଲେ। ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ବାହାବଳପୁର ସାମୁଦ୍ରିକ ଥାନା ଆଇଆଇସି ଲକ୍ଷ୍ମଣ ବେହେରା, ବସ୍ତା ସବ୍‌ଇନ୍ସପେକ୍ଟର ରାଜଲକ୍ଷ୍ମୀ ନାୟକ ପ୍ରମୁଖ ୧ ପ୍ଲାଟୁନ୍ ପୋଲିସ ସହ ପହଞ୍ଚି ବୁଝାଶୁଝା କରିଥିଲେ।

### ଉତ୍ତରାଧିକାରୀ ପ୍ରମାଣପତ୍ର ଖାରଜ ଘଟଣା

# କାଗଜପତ୍ର ଯାଞ୍ଚ କଲା ଭିଜିଲାନ୍ସ ଟିମ୍

**ଖଇରା,୨୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଆଳଦା ମୌଜାରେ ଜମି କିଣାବିକାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଅଡୁଆସୂତା ଭଳି ଛନ୍ଦି ହେବାରେ ଲାଗିଛି। ଘଟଣାର ତଦନ୍ତ ପାଇଁ ଜିଲା ଭିଜିଲାନ୍ସ ବିଭାଗର ଏକ ଟିମ୍ ଡିଏସ୍‌ପି ଏସ୍.କେ ସାମନ୍ତରାୟଙ୍କ ନେତୃତ୍ୱରେ ୨ୟ ଥର ପାଇଁ ସୋମବାର ଖଇରା ତହସିଲ, ଖଇରା ଥାନା, ଖଇରା ପ୍ରାଥମିକ ବିଦ୍ୟାଳୟକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ସୁଣ୍ଟିରା ଗ୍ରାମର ବନ୍ଦନା ନାୟକ ନିଜର ଜେଜେମାଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ତହସିଲରେ ଆବେଦନ କରିଥିବା ବେଳେ ଏହାକୁ ଖାରଜ କରିଦିଆଯାଇଥିଲା। ପ୍ରମାଣପତ୍ର ପାଇଁ ୫ଲକ୍ଷ ଟଙ୍କା ଲାଞ୍ଚ ମଗାଯିବାରୁ ସେ ଦେଇ ନ ପାରି ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ଭିଜିଲାନ୍ସ ପକ୍ଷରୁ କେସ୍ (ନଂ. ୩୮/୨୦୧୯) ରୁଜୁ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଅକ୍ଟୋବର ୪ ତାରିଖରେ ପ୍ରଥମ ଥର ଖଇରା ତହସିଲକୁ ଆସି ତଦନ୍ତ କରିଥିଲା। ଏ ସମ୍ପର୍କରେ ଖଇରା ତହସିଲଦାରଙ୍କୁ ପଚାରିବାରେ ଉତ୍ତରାଧିକାରୀଙ୍କ ସମ୍ପର୍କରେ ଗ୍ରାମବାସୀ ପୃଥକ ମତ ଦେବାରୁ ଉତ୍ତରାଧିକାରୀ ପ୍ରମାଣପତ୍ର ଦେବା ସମ୍ଭବପର ନ ଥିଲା। ଅର୍ଥ ମାଗିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

# ୫ ମଦ ବେପାରୀ ଗିରଫ

**ବାଲେଶ୍ୱର ଅଫିସ/ରୂପ୍‌ସା, ୨୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଜିଲା ଭ୍ରାମ୍ୟମାଣ ଅବକାରୀ ଟିମ୍ ଆଇଆଇସି ଉଦେଲାଲ ନାୟକଙ୍କ ନେତୃତ୍ୱରେ ସୋମବାର ୧୬ନମ୍ବର ଜାତୀୟ ରାଜପଥର ଖନ୍ତାପଡ଼ା ଥାନା ଫାଲକନ୍ ମେରାଇନ୍ ଗେଟ୍ ନିକଟରେ ଏକ ଟିମ୍ ଚଢ଼ାଉ କରିଥିଲା। ଅଭିଯୁକ୍ତ ଚାନ୍ଦିପୁର ଥାନା ଅନ୍ତର୍ଗତ ଗିସୁଆ ଗ୍ରାମର ଚନ୍ଦନ କୁମାର ଦାସ (୧୯) ଏକ ଭ୍ୟାନ୍ (ନଂ. ଓଡ଼ି୦୧ଏନ୍-୩୭୭୧) ଯୋଗେ ୪୨୦ଲିଟର ଦେଶୀ ମଦ ନେଇ ଯାଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ଅଟୋ ସହ ମଦ ଜବତ ହୋଇଛି। ଏନେଇ ଏକ ମାମଲା (ନଂ. ୧୪୪/୧୯-୨୦) ରୁଜୁହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ବସ୍ତା ଅବକାରୀ ଥାନାଧିକାରୀ ଆନ୍‌ପା ମାରାଣ୍ଡି ସଦଳବଳ ଚଢ଼ାଉ କରି ବସ୍ତା ଥାନା ଭେଲୋରା ଗ୍ରାମର ଅଭିଯୁକ୍ତ ପାର୍ବତୀ ହାଁସଦା, ଚାଲନ୍ତି ଗ୍ରାମର ଅନନ୍ତ ହେମ୍ବ୍ରମ ଓ ଝରିଆ କରଞ୍ଜିଆ ଗ୍ରାମର ଅନନ୍ତ ରାମଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୬୨ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ମାମଲା (ନଂ. ୭୧, ୭୨, ୭୩/୧୯-୨୦) ରୁଜୁ ହୋଇଛି। ରୂପ୍‌ସା ଥାନା ପୋଲିସ ରବିବାର ରୂପ୍‌ସା ସାମିଲ ହସନପୁର ଗ୍ରାମର ଅଭିଯୁକ୍ତ ମଦ ବ୍ୟବସାୟୀ ଅର୍ଜୁନ ବେହେରାଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୨୦ଲିଟର ଦେଶୀ ମଦ ଜବତ କରିଥିଲେ।

## ଭଦ୍ରକ

### ୨ ବଖରା ଜଳିଗଲା

**ଭଣ୍ଡାରିପୋଖରୀ, ୨୫।୧୧ (ଡି.ଏନ.ଏ.) :** ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସମ୍ଭୋଇ ଗ୍ରାମର କରୁଣାକର ଜେନାଙ୍କ ଗୁହାଳେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଏଥିସହ ୪ ଗୋରୁ ନିଆଁରେ ପୋଡ଼ି ଆହତ ହୋଇଛନ୍ତି। ମଶା ପାଇଁ ଗୁହାଳେ ଦିଆଯାଇଥିବା ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଖବର ପାଇ ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଆହତ ହୋଇଥିବା ଗୋରୁଙ୍କୁ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସା ବିଭାଗକୁ ଜଣାଯାଇଥିଲେ ମଧ କେହି ଡାକ୍ତର ଘଟଣାସ୍ଥଳକୁ ଆସି ଚିକିତ୍ସା କରି ନ ଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଯାଦବ ମହାସଭାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଧାମନଗର,୨୫।୧୧(ଡି.ଏନ.ଏ.)-** ଧାମନଗର ବ୍ଲକ ଯାଦବ ମହାସଭାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଦକ୍ଷିଣବାଡ଼ ମୁରଲୀ ମନୋହର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁୟାରୀ ମାସରେ ଯାଦବ ସଂସ୍କୃତି ଉପରେ ଏକ ପ୍ରଶିକ୍ଷଣ ଶିବିର ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ପଞ୍ଚାୟତ କମିଟି ଗଠନ ସାଙ୍ଗକୁ ସ୍ଥାୟୀ ସଦସ୍ୟତା ଗ୍ରହଣ କରି ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ନେଇ ଆଲୋଚନା କରାଯାଇଥିଲା। ବ୍ଲକ ସଭାପତି ସୁବାସ ଚନ୍ଦ୍ର ବାରିକ ଏଥିରେ ଅଧକ୍ଷତା କରିଥିଲେ। ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ସୁଧାଂଶୁ ଶେଖର ନାୟକ ଏବଂ ନବନିର୍ବାଚିତ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ମହାସଭା ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସାଧାରଣ ସମ୍ପାଦକ କୁଳମଣି ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ ଓ କାର୍ଯ୍ୟକାରୀ ସଭାପତି ଅନିଲ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ସଦସ୍ୟ ଭାବେ ମାଧବ ଖଟୁଆ, ରବୀନ୍ଦ୍ର ଦାସ, ଶୁକଦେବ ବେହେରା, ରଞ୍ଜନ ବେହେରା, ସନନ୍ଦ ବେହେରା, ସତ୍ୟମୂର୍ତ୍ତି ବେହେରା, ଦୀନବନ୍ଧୁ ଦାସ ଓ ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ପଲିଥିନ ଏବଂ ମଦମୁକ୍ତ ସମାଜ ଗଠନରେ ଯାଦବ ମହାସଭା ପକ୍ଷରୁ ପଦକ୍ଷେପ ନିଆଯିବାକୁ ସ୍ଥିର ହୋଇଥିଲା।

# ବୌଦ୍ଧବିହାର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର


ଷୋଳମପୁର ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ଭଣ୍ଡାରିପୋଖରୀ, ୨୫।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁରସ୍ଥିତ ବୌଦ୍ଧବିହାର ବିକାଶ ପାଇଁ ରବିବାର ନୀଳଗିରିସ୍ଥିତ ସର୍କିଟ୍ ହାଉସଠାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ଷୋଳମପୁର ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ବୌଦ୍ଧବିହାରକୁ ସ୍ଥାନିତ କରିବା, ଅସୁରକ୍ଷିତ ଭାବେ ଏଣେତେଣେ ପଡ଼ିରହିଥିବା ବୌଦ୍ଧ ମୂର୍ତ୍ତିକୁ ସଂଗ୍ରହାଳୟକୁ ସ୍ଥାନାନ୍ତର, ବିଭିନ୍ନ ସମୟରେ ଚୋରି ହୋଇଥିବା ବୌଦ୍ଧ ମୂର୍ତ୍ତି ଉଦ୍ଧାର, ଐତିହାସିକ ରାଣୀପୋଖରୀରେ ବୁଡ଼ିରହିଥିବା ବିଶାଳକାୟ ବୌଦ୍ଧମୂର୍ତ୍ତିକୁ ଉଦ୍ଧାର, ବୌଦ୍ଧବିହାର ରାସ୍ତାକୁ ପ୍ରଶସ୍ତୀକରଣ କରି ନିର୍ମାଣ ଏବଂ ରାଜପଥରେ ବୌଦ୍ଧବିହାର ସୂଚନା ଫଳକ ଲଗାଇବା ଭଳି ବିକାଶ ତ୍ୱରାନ୍ୱିତ କରିବାକୁ ସେ ନିବେଦନ କରିଥିଲେ। ବୌଦ୍ଧବିହାର ସ୍ମୃତିରେ ହୋଇଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନିଜସ୍ୱ ଗୃହ ନିର୍ମାଣ ଲାଗି ମଧ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଏ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

### ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ

# ଗଡ଼ିଲା ସଚେତନତା ରଥ

**ଭଣ୍ଡାରିପୋଖରୀ,୨୫।୧୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଜନସଂଖ୍ୟା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଏକ ସଚେତନତା ରଥକୁ ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ଅବସରରେ ଏହି ରଥ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ଜନସଂଖ୍ୟା ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରିବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପ୍ରଚାର କରାଯିବ। ସଚେତନତା ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ଉମାଶଙ୍କର ଦାସ, ନିରଞ୍ଜନ ସାହୁ, ପଙ୍କଜ ବେହେରା, ପ୍ରଦୀପ ପଣ୍ଡା, ଅମରଜିତ୍ ରାୟ, ଅର୍ଜୁନ ଚରଣ ମଲିକ, ରଞ୍ଜିତ କୁମାର ଦାସ ଓ ଲଲାଟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିରରୁ ଚୋରି

**ଭଣ୍ଡାରିପୋଖରୀ, ୨୫।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସରସଦା ପଞ୍ଚାୟତ ଏକଗୋଲା ଗ୍ରାମ ମୁଣ୍ଡରେ ଥିବା ଦାଣ୍ଡସୁବର୍ଣ୍ଣମୁଖୀ ମନ୍ଦିରରୁ କେହି ଦୁର୍ବୃତ୍ତ ରବିବାର ରାତିରେ ତାଲା ଭାଙ୍ଗି ମା'ଙ୍କ ସୁନା ମୁକୁଟ, ରୁପା ଚିତା ଚୋରି କରି ନେଇଯାଇଛନ୍ତି। ସେହିପରି ଜଗନ୍ନାଥ ମନ୍ଦିରରୁ ଚୋରି ପାଇଁ ଉଦ୍ୟମ କରିଥିଲେ ମଧ ତାଲା ଭାଙ୍ଗି ପାରି ନ ଥିବା ଜଣାପଡ଼ିଛି। ଏ ନେଇ ମନ୍ଦିର ପୂଜାରୀ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ପ୍ରକାଶଥାଉ କି, ଏହି ବ୍ଲକ ଅଞ୍ଚଳରୁ ଅନେକ ସମୟରେ ବିଭିନ୍ନ ମନ୍ଦିରରୁ ଚୋରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କୌଣସି ମନ୍ଦିରରୁ ଚୋରିର ସୁରାକ୍ ଏଯାଏ ମିଳିପାରି ନାହିଁ। ଷୋଳମପୁର ପଞ୍ଚାୟତ ବୌଦ୍ଧବିହାରରୁ ମୂର୍ତ୍ତି, ମଞ୍ଜୁରିରୋଡ଼ ଅଞ୍ଚଳ ଓ ରଣଜିତ ପଞ୍ଚାୟତର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ବେଳେ କୌଣସି ଘଟଣାରେ ପୋଲିସ ଚୋରଙ୍କ ଟେର୍ ପାଇପାରି ନାହିଁ। ଏହି ଚୋରଙ୍କୁ ଧରିବା ପାଇଁ ପୋଲିସ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ଧାରଣା

**ବନ୍ତ, ୨୫।୧୧ (ସ୍ୱ.ପ୍ର./ଡି.ଏନ.ଏ.)**

ବନ୍ତଠାରୁ କୁମ୍ଭକରାଳ ଆର୍‌ଡି ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ସୋମବାର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରୁ ସେମାନେ ଧାରଣା ଦେଇ ବସିରହିଥିଲେ। କୁମ୍ଭକରାଳ ଗ୍ରାମବାସୀ ଅଭିଯୋଗ କରିଥିଲେ, ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବନ୍ତଠାରୁ କୁମ୍ଭକରାଳ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ୩ କି.ମି. ରାସ୍ତା ଦୀର୍ଘବର୍ଷ ଧରି ନିର୍ମାଣ ହୋଇ ନ ଥିବାରୁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଥିବାବେଳେ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହେଉଛନ୍ତି। ପୂର୍ବରୁ ଏହି ରାସ୍ତାରେ ଏକ ସ୍କୁଲ ବସ୍ ଓ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ରାସ୍ତା ନିର୍ମାଣ ପାଇଁ ସେମାନେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ବହୁବାର ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ସୁଫଳ ମିଳୁ ନାହିଁ। ଏଣୁ ବାଧହୋଇ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣାରେ ବସିବେ ବୋଲି ପ୍ରକାଶ କରିଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଧାରଣାରେ ସାମିଲ ହୋଇଥିବା ବେଳେ ନିରଞ୍ଜନ ନାୟକ, ସୁବାସ ବେହେରା, ପବିତ୍ର ସେଠୀ, ନୃସିଂହ ପରିଡ଼ା, ପର୍ଶୁରାମ ସ୍ୱାଇଁ, ପଞ୍ଚାନନ ସେଠୀ, ପଦ୍ମନାଭ ସ୍ୱାଇଁ, ପଞ୍ଚାନନ ରାଉତ, ଆରତି ପଣ୍ଡା, ମନ୍ଦାକିନୀ ସ୍ୱାଇଁ, ସସ୍ମିତା ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ। ସହକାରୀ ଯନ୍ତ୍ରୀ କାଳନ୍ଦୀ ବେହେରା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ ରାସ୍ତା ନିର୍ମାଣ ନ ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ଓହ୍ଲାଇବେ ନାହିଁ ବୋଲି କହିଥିଲେ। ପରେ ସହକାରୀ ଯନ୍ତ୍ରୀ ବେହେରା, କନିଷ୍ଠ ଯନ୍ତ୍ରୀ କୃଷ୍ଣପଦ ମହାନ୍ତି ଓ ବନ୍ତ ପୋଲିସ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ମଙ୍ଗଳବାରଠାରୁ ରାସ୍ତା ନିର୍ମାଣ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କୁମ୍ଭକରାଳ ଗାଁ ଲୋକେ ଧାରଣାରେ ବସିଛନ୍ତି।

# ବାତିଲ୍ ହେଲା ଫେରିଘାଟ ନିଲାମ

**ଚାନ୍ଦବାଲି, ୨୫।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲାର ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ ସୀମା ଦେଇ ବହି ଯାଇଥିବା ମନ୍ତେଇ ନଦୀର ବାଲିଆପାଳ ଫେରିଘାଟ ନିଲାମକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏକମାତ୍ର ବିଡର ଉପସ୍ଥିତ କାରଣରୁ ଚାନ୍ଦବାଲି ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଏହାର ନିଲାମକୁ ବାତିଲ କରାଯାଇଛି। ପ୍ରକାଶ ଯେ, ଏହି ଘାଟକୁ ବର୍ଷେ ଲେଖାଏ ପାଳି କରି ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ ନିଲାମ ନେଇଥାନ୍ତି। ପ୍ରତିବର୍ଷ ଜାନୁୟାରୀ ମାସରେ ଏହା ନିଲାମ କରାଯାଏ। ୨୦୧୮ରେ ବାସୁଦେବପୁର ବ୍ଲକ ଦାୟିତ୍ୱରେ ଘାଟ ଥିଲା। ଚଳିତବର୍ଷ ଏହା ଚାନ୍ଦବାଲି ବ୍ଲକ ହାତରେ ରହିଛି। ୨୦୧୯ ବର୍ଷରେ ଚାନ୍ଦବାଲି ବ୍ଲକରେ ବାଲିଆପାଳ ଫେରିଘାଟ ପାଇଁ କେହି ବିଡର ନ ମିଳିବାରୁ ନିଲାମ ହୋଇପାରି ନ ଥିଲା। ପ୍ରଶାସନ ପକ୍ଷରୁ ବଜରାପୁର ପଞ୍ଚାୟତ ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିଲା। ପଞ୍ଚାୟତ ଅଧିକାରୀ ୧୧ ମାସ ଫେରିଘାଟ ଚଳାଇବା ପରେ ନିଜର ଅକ୍ଷମତା ବିଡିଓଙ୍କୁ ଜଣାଇଥିଲେ। ମାତ୍ର ମାସକ ଲାଗି ବ୍ଲକ ପ୍ରଶାସନ ପକ୍ଷରୁ ୧ ଲକ୍ଷ ୩ ହଜାର ଟଙ୍କାରେ ନିଲାମ ପାଇଁ ବିଜ୍ଞାପନ ବାହାରିଥିଲା। ଅଧିକ ଦାମ୍ ଯୋଗୁ ବିଡରମାନେ ଏହି ନିଲାମରେ ଆଗ୍ରହ ଦେଖାଇ ନ ଥିବା ଆଲୋଚନା ହେଉଛି। ଯାହାଦ୍ୱାରା ଏକମାତ୍ର ବିଡର କାରଣରୁ ନିଲାମକୁ ବାତିଲ କରାଯାଇଛି। ତେବେ ୨୦୧୭ରେ ଘାଟ ନିଲାମର କିଛି ଅର୍ଥ ପଞ୍ଚାୟତ ଆୟରେ ଯୋଡ଼ା ନ ଯାଇ ହଡ଼ପ ହୋଇଥିବା ସୋମବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ନିଲାମ ବାତିଲ କରି ବିଡିଓ ଶ୍ୟାମସୁନ୍ଦର ଟୁଡୁ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀଙ୍କୁ ବାଲିଆପାଳ ଫେରିଘାଟ ଦାୟିତ୍ୱ ଦେଇଛନ୍ତି। ଏଥିସହ ମାସକର ଦୈନିକ ଆୟର ହିସାବ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।


ଫେରିଘାଟ ନିଲାମ ପାଇଁ ଉପସ୍ଥିତ ଅଧିକାରୀ ଓ ଲୋକେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ନଭେମ୍ବର ୨୬/୨୦୧୯ Balasore, Tuesday, November 26/2019



ଗୋପାଳପୁର ରାସ୍ତା ପାର୍ ହେଉଛନ୍ତି ଝାଡ଼ଖଣ୍ଡ ହାତୀପଲ।

# ୨ ଶିକାରୀ ଗିରଫ, ଧନୁ ତୀର ଜବତ

**ଖୁଣ୍ଟା, ୨୫।୧୧(ଡି.ଏନ.ଏ.)**

ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ସାଞ୍ଜୀ କମ୍ପାର୍ଟମେଣ୍ଟ-୫ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ରୋକିବା ଲାଗି ଡୁକୁରା ୱାଇଲ୍ଡ ଲାଇଫ ରେଞ୍ଜ କର୍ମଚାରୀ ରବିବାର ରାତିରେ ପାଟ୍ରୋଲିଂ କରାଯାଇଥିଲା। ଜଙ୍ଗଲକୁ କେତେକ ଶିକାରୀ ପଶିଥିବା ସୂଚନା ପାଇଁ ସେମାନେ ଧରପଗଡ଼ ଆରମ୍ଭ କରିଥିଲେ। ସୋମବାର ଭୋର ସମୟରେ ୨ ଜଣ ଶିକାରୀଙ୍କୁ ଧରି ସେମାନଙ୍କ ନିକଟରୁ ଧନୁ ଓ ତୀର ଜବତ କରାଯାଇଛି। ଅନ୍ୟମାନେ ଖସି ପଳାଇଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନାଙ୍କ ନେତୃତ୍ୱରେ ରବିବାର ରାତି ତମାମ ଜଙ୍ଗଲ ଇଲକାରେ ପାଟ୍ରୋଲିଂ କରାଯିବା ବେଳେ ଧରାପଡିଥିବା ଦୁଇଶିକାରୀ ହେଲେ ଅଗ୍ନିକୁମାରୀ ଗ୍ରାମର ଲକ୍ଷ୍ମୀଧର ଟୁଡୁ ଓ ତାଙ୍କ ପୁଅ କୁଆଁର ଟୁଡୁ। ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

# ନୀଳଗିରିକୁ ପଶିଲେ ଝାଡ଼ଖଣ୍ଡ ହାତୀପଲ
# ଆତଙ୍କିତ ବନାଞ୍ଚଳବାସୀ

**ସଜନାଗଡ଼, ୨୫।୧୧(ଡି.ଏନ.ଏ.)**

ଝାଡ଼ଖଣ୍ଡ ଜଙ୍ଗଲରୁ ନିୟମିତ ହାତୀପଲ ନୀଳଗିରି ବନାଞ୍ଚଳକୁ ଚାଲିଆସି ଆତଙ୍କ ଖେଳାଉଛନ୍ତି। ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ହାତୀପଲ ଓଡ଼ିଶା ସୀମା ପାର ହୋଇ ମୟୂରଭଞ୍ଜରେ ଥିଲେ। ସୋମବାର ଭୋର ସମୟରେ ହାତୀପଲ ନୀଳଗିରି ରେଞ୍ଜ ଅଧୀନ କାଠପାଳ, ଦୁର୍ଗାଦେବୀ, ପାଟଣା, ଅଯୋଧ୍ୟା ରାସ୍ତା ପାର ହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀପଲ ଗୋପାଳପୁର ଏବଂ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ଦେଖି ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ନୀଳଗିରି ରେଞ୍ଜରଙ୍କ ନେତୃତ୍ୱରେ କର୍ମଚାରୀମାନେ ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ ରଖିଛନ୍ତି। ହାତୀପଲରେ ୭ରୁ ୮ ଦନ୍ତାହାତୀ, ୧୦ରୁ ୧୩ ହାତୀଛୁଆ ରହିଥିବା ଜଣାପଡ଼ିଛି। ଅପରାହ୍ନ ୫ଟା ସୁଦ୍ଧା ଉକ୍ତ ହାତୀପଲ ତିନିକୋଶିଆକୁ ମୁହାଁଉଥିବାର ସୂଚନା ମିଳିଛି।

## ବନବିଭାଗ ସଜାଗ

'ବୁଲ୍‌ବୁଲ୍' ବାତ୍ୟା ଦାଉରୁ ଯାହା କିଛି ଫସଲ ବର୍ତ୍ତିଥିଲା ତାହାକୁ ହାତୀପଲ ନଷ୍ଟ କରିଦେଇପାରନ୍ତି ବୋଲି ଚାଷୀମାନେ କହିଛନ୍ତି। ଏବେ ଧାନ ଖେତରେ ଥୋଡ଼ ବାହାରିଥିବା ବେଳେ କିଛି ଧାନ ପାଚିବା ସହ କିଛି ଅଧା ପାଚିବା ଅବସ୍ଥାରେ ରହିଛି। ହାତୀପଲ ଯେପରି ଚାଷଜମିରେ ପଶି ନ ପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ବନାଞ୍ଚଳବାସୀ ଦାବି କରିଛନ୍ତି। ପ୍ରଶାସନ ଓ ବନବିଭାଗ ପକ୍ଷରୁ ହାତୀଙ୍କ ପ୍ରବେଶ ନେଇ କ୍ଷୟକ୍ଷତି ରୋକିବା ଉଦ୍ଦେଶ୍ୟରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପଜିଲାପାଳ, ତହସିଲଦାର, ପୋଲିସ, ଅନ୍ୟାନ୍ୟ ବିଭାଗର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଘର ଭିତରେ ହାଣ୍ଡିଆ, ମହୁଲ, ମାଦକ ଦ୍ରବ୍ୟ ନ ରଖିବା ପାଇଁ ବନବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଜଙ୍ଗଲ ଚତୁଃପାର୍ଶ୍ୱରେ ଖୋଳାଯାଇଥିବା ଟ୍ରେଞ୍ଚ, ନଷ୍ଟ ହୋଇଯାଇଥିବା ସୌରବାଡ଼ଗୁଡ଼ିକର ମରାମତି କରାଯାଉଛି। ହାତୀଙ୍କ ଗତିବିଧି ନିରୀକ୍ଷଣ ପାଇଁ ବାଲେଶ୍ୱର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି।

# ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ବିଫଳ
## ତଦନ୍ତ ଆରମ୍ଭ କଲା ସାଇଣ୍ଟିଫିକ୍ ଟିମ୍

**ରୂପ୍‌ସା, ୨୫।୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ କୁରାଢ଼ିହା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଝରକା ଗ୍ରୀଲ୍ ଭାଙ୍ଗି ରବିବାର ରାତିରେ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଥିବା ଜଣାପଡ଼ିଛି। ସୋମବାର ଏହି ଘଟଣା ଜଣାପଡ଼ିବା ପରେ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ଆଇଆଇସି ଧନେଶ୍ୱର ସାହୁ, ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ଶାଖା ପରିଚାଳକ ଶାନ୍ତନୁ ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ. ୩୬୯/୧୯) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍‌ର ଅଧିକାରୀମାନେ ସନ୍ଧାନୀ କୁକୁର ସହ ବ୍ୟାଙ୍କରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ବ୍ୟାଙ୍କ ଛାତ ଉପର ଦେଇ ଦୁର୍ବୃତ୍ତମାନେ ପଛପଟ ଝରକା ଗ୍ରୀଲ୍ ଭାଙ୍ଗିବା ସହ ଏକ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଷ୍ଟ୍ରଙ୍ଗ୍‌ରୁମ୍‌ର ଆର୍ମଚେଷ୍ଟ ହ୍ୟାଣ୍ଡେଲ୍ ଭାଙ୍ଗିଥିଲେ ହେଁ ସେଥିରୁ ଟଙ୍କା ଲୁଟ୍ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ଭଙ୍ଗା ହ୍ୟାଣ୍ଡେଲ୍‌କୁ ପୋଲିସ ଜବତ କରିଛି। ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରାଯାଇଥିଲେ ହେଁ ସେଥିରେ ଦୁର୍ବୃତ୍ତଙ୍କ ଝାପ୍‌ସା ଚେହେରା ଯୋଗୁ ପୋଲିସ ଅଡୁଆରେ ପଡ଼ିଛି। ଅପରପକ୍ଷରେ ହଳଦୀପଦା ଛକ ନିକଟରେ ଥିବା ଏକ ଲାଇସେନ୍ସପ୍ରାପ୍ତ ମଦ ଦୋକାନର ସିସିଟିଭି ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଜୋରଦାର୍ ତନାଘନା ଜାରିରହିଛି।

# ୧.୨୦ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ରୂପ୍‌ସା, ୨୫।୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଛାନୁଆ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ଜଣେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବ୍ୟବସାୟୀ ହେଲେ ନିଶାକର ପାତ୍ର। ତାଙ୍କଠାରୁ ୧୨ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଦୀର୍ଘଦିନ ଧରି ସେ ଅବକାରୀ ବିଭାଗ ଓ ପୋଲିସ ଆଖିରେ ଧୂଳି ଦେଇ ଏହି ବ୍ୟବସାୟ ଚଳାଇ ଆସୁଥିଲେ। ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ସେହିଦିନଠାରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଅବକାରୀ ଥାନା, ବାଲେଶ୍ୱର-୧ ଭାରପ୍ରାପ୍ତ ଅଧିକାରୀ ଅର୍ଜୁନ କୁମାର ମଲ୍ଲିକ ଏକ ସ୍ୱତନ୍ତ୍ର ଟିମ୍ ସହ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ୨୧(ବି) ଦଫାରେ ଏକ ମାମଲା (ନଂ. ୧୩୦/୧୯-୨୦) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଶାଢ଼ିରେ ନିଆଁ ଲାଗି ମହିଳାଙ୍କ ମୃତ୍ୟୁ

ପାଟଣା,୨୫।୧୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ଡେଣୁଆଁ ଗ୍ରାମରେ ମହାନ୍ତ ସାହିରେ ରବିବାର ସନ୍ଧ୍ୟାରେ କାଠ ଚୁଲିରେ ରୋଷେଇ କରୁଥିବା ବେଳ ଲୁଗା କାନିରେ ନିଆଁ ଲାଗିଯିବାରୁ ମଞ୍ଜୁଲତା ମହାନ୍ତ ନାମ୍ନୀ ଜଣେ ମହିଳାଙ୍କ ଅଣ୍ଟାରୁ ତଳକୁ ପୋଡି ଯାଇଥିଲା। ସୋମବାର ସକାଳେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ବେଳେ ତାଙ୍କର ରାସ୍ତାରେ ମୃତ୍ୟୁ ଘଟିଛି। ଏନେଇ ତୁରୁମୁଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ପୋଲିସ ସୋମବାର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସ୍କୁଲ ବସ୍ ଧକ୍କାରେ ମହିଳା ଗୁରୁତର

ଯୋଡ଼ା, ୨୫।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଏକ ଖଣି ନିକଟ ତାରିଣୀ ମନ୍ଦିର ରାସ୍ତାରେ ଶନିବାର ଅପରାହ୍ନରେ ଏକ ସ୍କୁଲ ବସ୍ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଚ୍ଚବାଲୀସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ସ୍କୁଲ ବସ୍ ଛାତ୍ରୀଛାତ୍ରଙ୍କୁ ନେଇ ବାମେବାରୀ ଆଡୁ ଦୁବୁନା ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି।

### ବଡବିଲ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା

ବଡବିଲ, ୨୫।୧୧ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡବିଲପ୍ରେସ କ୍ଲବର ସଭାପତି ଭାବେ ସୁବୋଧ କୁମାର ଦାସ ପୁନଃ ନିର୍ବାଚିତ ହୋଇଛନ୍ତି। ରବିବାର ବରିଷ୍ଠ ଖବରଦାତା ବଳରାମ ମହାନ୍ତିଙ୍କ ଦ୍ୱାରା କ୍ଲବର ନିର୍ବାଚନ ପ୍ରକ୍ରିୟା ପରିଚାଳିତ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ଏହି ନିର୍ବାଚନରେ ସମ୍ପାଦକ ଭାବେ ଶାନ୍ତନୁ କୁମାର ଦାଶ, କୋଷାଧକ୍ଷ ଭାବେ ମଧୁସୂଦନ ସାହୁ, ଉପସଭାପତି ଭାବେ ଦେବକାନ୍ତ ଦାଶ ଓ ସହ-ସମ୍ପାଦକ ଭାବେ ଚିତ୍ତରଞ୍ଜନ କର ନିର୍ବାଚିତ ହୋଇଥିବା ଜଣାପଡିଛି।

### କାର୍ଯ୍ୟାଳୟରୁ ଚୋରି, ଥାନାରେ ଏତଲା

ଯୋଡ଼ା, ୨୫।୧୧(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ସହରର କମାରଯୋଡାଠାରେ ଥିବା ଏସଜିଏସ ଖଣିଜ ସାମ୍ପଲିଂ କାରଖାନା କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ରାତିରେ ୩୦ଟି ଟାଟା ଆଜବେଷ୍ଟ ସିଟ୍ ଚୋରି ହୋଇଥିବା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏହି ସୂଚନା ଦେଇ କହିଛି ଯେ, ଆଜବେଷ୍ଟ ସିଟ୍ ଚୋରି ହୋଇଯାଇଥିବା ପରଦିନ ସକାଳେ କମ୍ପାନୀ କର୍ମଚାରୀ ଦେଖିବାକୁ ପାଇଥିଲେ। ଏନେଇ କମ୍ପାନୀ ପକ୍ଷରୁ ଥାନାରେ ଶନିବାର ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣାନେଇ ଦୁଇଜଣ ଘରୋଇ ସୁରକ୍ଷାକର୍ମୀଙ୍କୁ ଥାନାକୁ ଡକାଇ ପଚରାଉଚରା କରି ଏହାର ତଦନ୍ତ କରାଯାଇଛି।

### ଜମି ବାଡ଼ି ଭାଗ ବଣ୍ଟାବେଳେ ଗଣ୍ଡଗୋଳ, ୨ ଗିରଫ

ପାଟଣା,୨୫।୧୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ସୋମବାର ମୃଷା ନାଳୀ ଗ୍ରାମର ଦୁଇ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ସମ୍ପୃକ୍ତ ୨ ବ୍ୟକ୍ତି ପୈତୃକ ସମ୍ପତ୍ତିର ଭାଗ ବଣ୍ଟୁରାବେଳେ ସମ୍ପର୍କୀୟ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପାଟଣା ଥାନାରେ ମାମଲା (ନଂ.୧୮୩/୧୯ ) ରୁଜୁ ହୋଇଛି।

### ବସ୍‌ଷ୍ଟାଣ୍ଡରେ ସରକାରୀ ବସ ରହିବାକୁ ଦାବି

ପାଟଣା,୨୫।୧୧(ସ୍ୱ.ପ୍ର.)- ପାଟଣା ମୁଖ୍ୟାଳୟ ଦେଇ ଗୋଟିଏ ମାତ୍ର ଏସି ଡିଲକ୍ସ ବସ୍‌ଟି ମୟୂରଭଞ୍ଜ ଜିଲା ଗୋରୁମହିଷାଣୀରୁ ଭୁବନେଶ୍ୱରକୁ ଯାତାୟାତ କରୁଛି। ଏଥିରେ ପାଟଣାରୁ ଟିକେଟ କାଟିବା ଓ ସ୍ଥାୟୀ ବସ ଷ୍ଟପେଜ ନ ଥିବାରୁ ଲୋକେ ଅସନ୍ତୋଷ ହେଉଛନ୍ତି। ସେଥିଲାଗି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନର ବରିଷ୍ଠ କର୍ମକର୍ତ୍ତା ଶ୍ରୀନିବାସ ଶତପଥୀ ଓ ଲିଙ୍ଗରାଜ ଦାଶ ଏହି ସରକାରୀ ବସ୍‌ଟିରେ ପାଟଣାରୁ ଟିକେଟ କାଟିବାର ବ୍ୟବସ୍ଥା ସହ ସ୍ଥାୟୀ ଷ୍ଟପେଜ ଓ ଆଉ ଦୁଇଟି ସରକାରୀ ବସ ଚଳାଚଳ କରିବା ପାଇଁ ଦାବି କରିଛନ୍ତି।

## 'ସବୁଜିମା ତାଙ୍କ ସ୍ୱପ୍ନ ଓ ଲକ୍ଷ୍ୟ'

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୫।୧୧

**ବୃକ୍ଷ ମଣିଷ ରମେଶ**

■ପେନ୍‌ସନ୍ ଅର୍ଥରେ ଲଗାଇଛନ୍ତି ଲକ୍ଷାଧିକ ଗଛଲତା

'ଗଛ ବଞ୍ଚିଲେ ଆମେ ବଞ୍ଚିବା' ଏଭଳି ବାର୍ତ୍ତା ଦେଇ ଗାଁ ସମେତ ଆଖପାଖ ଅଞ୍ଚଳରେ ଗଛ ଲଗାଇବା କାମରେ ସେ ଲାଗିପଡ଼ିଛନ୍ତି। ଗତ ୫ ବର୍ଷରେ ୪ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରିଛନ୍ତି। ଏଥିସହ ବିଭିନ୍ନ ଗ୍ରାମ ଓ ଶିକ୍ଷାନୁଷ୍ଠାନକୁ ଯାଇ ସେ ବୃକ୍ଷରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ଉଜୁଡ଼ା ପରିବେଶକୁ ସଜାଡ଼ିବା ପାଇଁ ଯୋଜନା କରି ୧୦୮ ଗ୍ରାମରେ ସବୁଜିମା ଫେରାଇ ଆଣିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ପରିବେଶ ସୁରକ୍ଷା ଦିଗରେ ତାଙ୍କର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହ ତାଙ୍କୁ ବୃକ୍ଷ- ମଣିଷ ବୋଲି କହିବାକୁ ପଛାଉ ନାହାନ୍ତି।

ବୃକ୍ଷରୋପଣ କରି ସବୁଜବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ନିଜକୁ ଉତ୍ସର୍ଗ କରି କାର୍ଯ୍ୟ କରୁଥିବା ଏହି ବ୍ୟକ୍ତି ହେଲେ ରମେଶ ଚନ୍ଦ୍ର ମିଶ୍ର (୬୪)। ସାଢେ ଛଅ ବର୍ଷ ଶିକ୍ଷକତା ଓ ପରେ ବ୍ୟାଙ୍କ ଚାକିରି କରି ୨୦୧୫ରେ ଅବସର ଗ୍ରହଣ କରି ଏବେ ପରିବେଶ ସୁରକ୍ଷା ସାଙ୍ଗକୁ ସମାଜସେବାରେ ଲାଗିପଡ଼ିଛନ୍ତି। ଗାୟତ୍ରୀ ପରିବାର ସହ ସମ୍ପର୍କ ରଖି ସେ ସଚେତନତା ସୃଷ୍ଟି କରିବାସହ ଲକ୍ଷ୍ୟପଥରେ ଆଗେଇ ନେଉଛନ୍ତି।

ରମେଶ କହନ୍ତି, ଏକଦା ବଣପାହାଡ଼ ଘେରା କେନ୍ଦୁଝର ଜିଲା ଥିଲା ସବୁଜିମାମୟ। ଏବେକାର ସ୍ଥିତି ଭିନ୍ନ। ଉଜୁଡ଼ା ଜଙ୍ଗଲ ଓ ପରିବେଶ ତାଙ୍କ ମନରେ ଗଭୀର ରେଖାପାତ କରିଛି। ହାତରେ ବିଶେଷ ସମ୍ବଳ ନ ଥିଲେ ବି ନିଜ ପେନସନ୍ ଟଙ୍କାରେ ସେ ବୃକ୍ଷରୋପଣ କାର୍ଯ୍ୟ କରିଆସୁଛନ୍ତି। ସେ ନିଜ ଉଦ୍ୟମରେ ଗତ ୫ ବର୍ଷରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ସୃଷ୍ଟି କରି ମାଗଣାରେ ବାଣ୍ଟିଛନ୍ତି। ଗଛ ଲଗାଇବା ସହ ଯତ୍ନ ନେଇ ଗଛ ବଢାଇବା ଓ ସୁରକ୍ଷା କରିବା ପାଇଁ ଉଦ୍ୟମ କରିଥାନ୍ତି। ସ୍ଥାନୀୟ ଛାତ୍ରୀଛାତ୍ର ତଥା ପରିବେଶବିତମାନଙ୍କ ସହଯୋଗ ନେଇ ନିଜ ଗାଁ ମୁଣ୍ଡରେ ବଟେଶ୍ୱର ମନ୍ଦିର ପରିସରରେ ଏକ ନର୍ସରୀ କରି ଚାରା ସୃଷ୍ଟି କରୁଛନ୍ତି। ଯେଉଁଠି ଚାଷୀଙ୍କ ଜମି ବର୍ଷ ବର୍ଷ ଧରି ପଡିଆ ପଡିଥିଲା ସେଠାରେ ଲୋକଙ୍କୁ ବୁଝାଇ ଏବେ ବୃକ୍ଷ ରୋପଣ କରୁଥିବାରୁ ନୂତନ ଜଙ୍ଗଲ ସୃଷ୍ଟି ହୋଇ ପାରିଛି। ଗଛ ନ କାଟିବା ଏବଂ ଅଧିକ ବୃକ୍ଷ ରୋପଣ କରିବାକୁ ସବୁବେଳେ ସେ ପରାମର୍ଶ ଦେଇ ଆସୁଛନ୍ତି। ଯେଉଁମାନେ ଗଛ ଲଗାଇ ପରିବେଶ ସୁରକ୍ଷା କରୁଛନ୍ତି ସେଭଳି ବ୍ୟକ୍ତିବିଶେଷ ବା ସଂସ୍ଥାକୁ ସେ ପ୍ରକୃତି ସଖା ଓ 'ପ୍ରକୃତି ସାଥୀ ପୁରସ୍କାର ଦେଉଛନ୍ତି।

ରମେଶ ଆହୁରି କହିଛନ୍ତି, ପରିବେଶ ସୁରକ୍ଷା ଦିଗରେ ଲୋକଙ୍କ ସହଯୋଗ ତାଙ୍କୁ ଉତ୍ସାହିତ କରିଛି। ପ୍ରଥମ ୩ ବର୍ଷ ବାହାରୁ ଚାରା କିଣି ଗଛ ଲଗାଇଥିଲେ। ସେ ନର୍ସରୀ ଖୋଲିବା ପରଠାରୁ ବନ ବିଭାଗ ତାଙ୍କ ଠାରୁ ଚାର ନେଉଛି। ବର୍ତ୍ତମାନ ତାଙ୍କ ନର୍ସରୀରେ ୩୦ ପ୍ରକାରର ଗଛ ରହିଛି। ସେଥିମଧ୍ୟରେ ଶାଗୁଆନ, ଗମ୍ଭାରୀ, ଶାଳ, ପିଆଶାଳ, ଅଁଳା, ନିମ, ପିଜୁଳି, ବେଲ, ମହାନିମ, ଅଶୋକ, ଜାମୁ, ପଣସ, ହରିଡା, ବାହାଡା, ଲେମ୍ବୁ, ଅଶ୍ୱତଥ, ଦେଶୀ ଆମ୍ବ ଓ କାଜୁ ଅନ୍ୟତମ। ପ୍ରତ୍ୟେକ ପରିବାର ଯେଭଳି ୫ଟି ଲେଖାଏ ଗଛ ଲଗାଇବେ ସେଥିପାଇଁ ୨ ଗ୍ରାମକୁ ପ୍ରଥମେ ହାତକୁ ନେଇ ସେଠାରେ ସବୁଜିମା ଫେରାଇବା ତାଙ୍କ ସ୍ୱପ୍ନ ଓ ଲକ୍ଷ୍ୟ। ଆସନ୍ତା ମାସ ୧୦୮ ଗ୍ରାମରେ ଏଭଳି କାର୍ଯ୍ୟକ୍ରମ ସେ କରିବେ ବୋଲି କହିଛନ୍ତି।


ରମେଶ ଚନ୍ଦ୍ର ମିଶ୍ର।

## ଟ୍ରାକ୍ଟର ଓଲଟି ଜଣେ ମୃତ

ଯୋଡ଼ା, ୨୫।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କନକନା ଗ୍ରାମରେ ଧାନ ବୋଝେଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଥିବା ଜଣାପଡିଛି। ରବିବାର ରାତି ପ୍ରାୟ ସାଢ଼େ ୧୧ରେ ଏକ ଟ୍ରାକ୍ଟର ବିଲରୁ ଧାନ ବୋଝେଇ କରି ଘରକୁ ନେଉଥିବା ବେଳେ ରାସ୍ତାରେ ଥିବା ଏକ ନାଳ ନିକଟରେ ଉକ୍ତ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସେଥିରେ ବସିଥିବା କନକନା ଗ୍ରାମର ସମରା ମୁଣ୍ଡା, ମହିଳା ଫୁଲମଣି ମୁଣ୍ଡା ଓ ତାଙ୍କ ପୁଅ ଜାପାନ ମୁଣ୍ଡା ଓ ରାମଚନ୍ଦ୍ରପୁର ଗ୍ରାମର ଶକୁନ୍ତଳା ମହାନ୍ତ ଟ୍ରାକ୍ଟର ତଳେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଝୁମ୍ପୁରା ଡାକ୍ତରଖାନାକୁ ନିଆଯାଉଥିବା ବେଳେ ରାସ୍ତାରେ ଫୁଲମଣି ମୁଣ୍ଡା(୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣଙ୍କୁ ଚିକିତ୍ସା ପାଇଁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ଏନେଇ ସୋମବାର ସକାଳେ ମୃତ ଫୁଲମଣି ମୁଣ୍ଡାଙ୍କ ପୁଅ ମାନସିଂ ମୁଣ୍ଡା ବାମେବାରୀ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୫/୨୦୧୯) ରୁଜୁ କରି ଉକ୍ତ ଟ୍ରାକ୍ଟରଟିକୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି। ସମ୍ପୃକ୍ତ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଛି।

## ନିମ୍ନମାନର କାମ ଅଭିଯୋଗ

କେନ୍ଦୁଝର,୨୫।୧୧(ସ୍ୱ.ପ୍ର.)

ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମରେ ୨୦୧୮-୧୯ରେ ନିର୍ମାଣ ହୋଇଥିବା ଅଙ୍ଗନୱାଡି ଶ୍ରେଣୀଗୃହ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗୃହଟି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରୁ ୫ଲକ୍ଷ ୫୦ହଜାର ଏବଂ ମହିଳା ସମନ୍ୱିତ ଶିଶୁବିକାଶରୁ ୨ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ କରାଯାଇଛି। ହେଲେ ଘରର ତାଜା ବଙ୍କା କରିବା ସହିତ ଠିକାଦାର ନିମ୍ନମାନର କରିଛନ୍ତି। ଉଦ୍‌ଘାଟନ କରିବା ପୂର୍ବରୁ ବାରଣ୍ଡା ମାର୍ବଲ ଫାଟି ଗଲାଣି। ଉପଯୁକ୍ତ ତଦାରଖ ଅଭାବରୁ ଗୃହ ନିର୍ମାଣ କାମ ଏପରି ହୋଇଥିବା ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ତଦନ୍ତ ଦାବି କରିଛନ୍ତି। ଏସମ୍ପର୍କରେ ବିଡିଓ ସଦର ଜଗନ୍ନାଥ ହନୁମାନ କହିଛନ୍ତି ଯେ, ଏନେଇ ସେ ଆବଶ୍ୟକ ପଦକ୍ଷେପ ନେବେ।

## ଡିକି ଭାଙ୍ଗି ୪.୫ ଲକ୍ଷ ଲୁଟ୍

କେନ୍ଦୁଝର, ୨୫।୧୧
(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ସହର ଥାନା ଛକ ନିକଟରୁ ଏକ ସ୍କୁଟରର ଡିକି ଭାଙ୍ଗି ୪.୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଇଣ୍ଡିଆ ଶାଖାରୁ ଏହି ଟଙ୍କା ଉଠାଇ ଥାନା ଛକ ନିକଟରେ ଗାଡି (ଓଡି-୦୯କ୍ୟୁ/ ୬୨୮୧) ରଖି ପାଖ ଥିବା ଫଟୋ ଦୋକାନକୁ ଯାଇଥିଲେ। ସେଠାରୁ ଫେରି ଗାଡି ମାଲିକ ଅଫସର ଖାଁ ନାମକ ଜଣେ ଠିକଦାର ସ୍କୁଟର ନେଇ ସରକାରୀ ବସଷ୍ଟାଣ୍ଡ ପାଖକୁ ଯାଇଥିଲେ। ସେଠାରେ ଦେଖିବା ବେଳକୁ ଡିକିରେ ଟଙ୍କା ବ୍ୟାଗ ପାଇ ନ ଥିଲେ। ସେ ଟଙ୍କା ନେଇ ତାଙ୍କ ଗାଁ ସାନ୍ତରାପୁରକୁ ଯାଉଥିଲେ। ଏନେଇ ତୁରନ୍ତ ଟାଉନ ଥାନା ପୋଲିସକୁ ସୂଚନା ଦେବା ପରେ ଏକ ମାମଲା ରୁଜୁ କରି ପୋଲିସ ତନାଘନା ଆରମ୍ଭ କରିଥିଲା। ଘଟଣା ଦିନ ପ୍ରାୟ ସାଢ଼େ ୧୧ଟାରେ ଘଟିଥିଲା। ଉକ୍ତ ସ୍ଥାନଟି ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଦୋକାନ ବଜାର ରହିଛି। ତେବେ ଏହା ସତ୍ତ୍ୱେ ଲୁଟେରା ମାନେ ଚତୁରତା ସହ ଟଙ୍କା ଲୁଟି ନେଇଥିବାରୁ ସମସ୍ତଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଭଳି ଟଙ୍କା ଲୁଟ ବହୁ ଘଟଣା ଘଟିଥିଲେ ହେଁ ମାର୍କେଟ ସ୍ଥାନ ଗୁଡ଼ିକରେ ସୁରକ୍ଷା ଦୃଷ୍ଟି କୋଣରୁ ସିସିଟିଭି ଲଗାଇବା ପାଇଁ ଦାବି ହୋଇ ଆସୁଥିଲେମଧ୍ୟ ଲଗାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୁଟେରାମାନେ ଧରାପଡୁନାହାନ୍ତି।

## ପୁଆଡ଼ାବୁଲି ପ୍ରତିଯୋଗିତା

ଘସିପୁରା, ୨୫।୧୧(ଡି.ଏନ.ଏ.)

ହଜି ଯାଉଥିବା ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ମା' ମଙ୍ଗଳା କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବଇରୀ ବା ପୁଆଡାବୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଡ଼େଶ୍ୱର ମନ୍ଦିର ପାର୍ଶ୍ୱ ପଡ଼ିଆରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୦ରୁ ଅଧିକ ଦଳ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଫାଇନାଲ ରାଉଣ୍ଡରେ ଖଡ଼େଶ୍ୱର କ୍ଲବ ୧୩୭୦ ପଏଣ୍ଟ ସଂଗ୍ରହ କରି ବିଜୟୀ ହୋଇଥିବା ବେଳେ ମା' ମଙ୍ଗଳା କ୍ଲବ ୧୦୮୦ ପଏଣ୍ଟ ସଂଗ୍ରହ କରି ରନର୍ସଅପ୍ ହୋଇଥିଲା। ପ୍ରତିଯୋଗିତାକୁ କ୍ଲବ ସମ୍ପାଦକ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ହରିହର ସାହୁ, ଶମ୍ଭୁନାଥ ସାହୁ, ଦାମୋଦର ସାହୁ, ମାନସ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ପୁରୁଷ ବନ୍ଧ୍ୟାକରଣ ସକାଶେ ସଚେତନତା

ପାଟଣା, ୨୫।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋମବାର ଠାରୁ ୭ଦିନ ବ୍ୟାପୀ ପୁରୁଷ ବନ୍ଧ୍ୟାକରଣ ସକାଶେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ସୁପ୍ରକାଶ ଶତପଥୀ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିପିଏମ ଦୀପକ କୁମାର ନାୟକ, ଡ. ଚନ୍ଦ୍ରଭାନୁ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଏନ୍‌ଏସ୍‌ଭି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ବିନା ଅସ୍ତ୍ରରେ ଅସ୍ତ୍ରୋପଚାର ସ୍କିମ୍‌ରୁ ବହୁ ସଂଖ୍ୟାରେ ପୁରୁଷ ମାନେ ବନ୍ଧ୍ୟାକରଣ ଯୋଜନାରୁ ଲାଭବାନ ହେବା ସହ ସରକାରଙ୍କ କାର୍ଯ୍ୟକ୍ରମକୁ ସୁଫଳ କରିବାକୁ ଡ. ଶତପଥୀ ଜନ ସାଧାରଣଙ୍କୁ ନିବେଦନ କରିଛନ୍ତି। ପ୍ରତ୍ୟକ ପୁରୁଷଙ୍କୁ ଏଥିପାଇଁ ୨ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦେବାର ମଧ ବ୍ୟବସ୍ଥା ରହିଛି।



ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

## ଅଧାଗଢ଼ା ହମ୍ପ୍‌ସ ଦୁର୍ଘଟଣାର ମୁଖ୍ୟ କାରଣ

ଆନନ୍ଦପୁର, ୨୫। ୧୧(ସ୍ୱ.ପ୍ର.)

ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଥିବାବେଳେ ବିଭିନ୍ନ ସମୟରେ ବହୁ ଠିକାଦାର ନିର୍ମାଣ କାର୍ଯ୍ୟ ଦାୟିତ୍ୱକୁ ନେଇ ଅଧାରୁ କାମ ଛାଡି ଚାଲିଯିବା ଭଳି ପରିସ୍ଥିତି ଲାଗିରହିଛି। ବର୍ତ୍ତମାନ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଶୈଳୀ ପାଇଁ ଆନନ୍ଦପୁର ଅଞ୍ଚଳର ଦୁର୍ଘଟଣା ବୃଦ୍ଧି ପାଉଥିବା ଦେଖାଯାଇଛି। ଆନନ୍ଦପୁର କଲେଜ ଛକ ଠାରୁ ଫକୀରପୁର ସିନେମା ହଲ୍ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଦୁଇ ଗୋଟି ତିନି ଥାକିଆ ଅଧାଗଢା ହମ୍ପ୍‌ସ ଦୁଇଟି ସିଙ୍ଗଲ ଅଧାଗଢା ହମ୍ପ୍‌ସ୍ ରହିଛି। ଅଧାଗଢା ହମ୍ପ୍‌ସ ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଚାଲିଛି। କେତେବେଳେ ଏହି ଦୁର୍ଘଟଣାରେ ଜୀବନ ହାନି ହେଉଛି ତ କେତେବେଳେ ଦୁର୍ଘଟଣାଗ୍ରସ୍ତ ରୋଗୀ ଚିକିତ୍ସା ପାଇଁ ଅଧିକ ଅର୍ଥ ଦେବାକୁ ବାଧ ହେଉଛନ୍ତି। ୬୦ ପ୍ରତିଶତ ରାସ୍ତାରେ

**କାହାର ନଜର ନାହିଁ**

ନିର୍ମାଣ ହୋଇଥିବା ଏହି ହମ୍ପସଗୁଡିକ ଥିବାବେଳେ ୪୦ ପ୍ରତିଶତ ସମାନ ରାସ୍ତା ରହିଛି। ଉଭୟପାର୍ଶ୍ୱରୁ ଯାତାୟାତ କରୁଥିବା ବାଇକ୍ ଆରୋହୀଠାରୁ ଆରମ୍ଭ କରି ବଡ ବଡ ଯାନବାହନ ସମାନ ରାସ୍ତାକୁ ବ୍ୟବହାର କରୁଛନ୍ତି। ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି କି ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ମଧ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି।


ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥରେ ନାହିଁ ହମ୍ପସ୍।

## ୪ର୍ଥ ବାଣିଜ୍ୟ ମେଳା ଉଦ୍‌ଘାଟିତ

ହାଟଡିହୀ, ୨୫।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ଚତୁର୍ଥ ବାର୍ଷିକ ବାଣିଜ୍ୟ ମେଳା ଆନନ୍ଦପୁର ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ବରିଷ୍ଠ ଖବରଦାତା ପ୍ରସନ୍ନ ମହାନ୍ତି, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ଗୋପାଳ କୃଷ୍ଣ ରାଉତଙ୍କ ସଭାପତିତ୍ୱ ଏବଂ ବରିଷ୍ଠ ପ୍ରେସ କ୍ଲବ୍ ସଦସ୍ୟ ମୁନା ସିଂଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସନ୍ତୋଷ ରାଉତ, ଦେବପ୍ରିୟ ପାତ୍ର, ନାରାୟଣ ପଣ୍ଡା, ଦିଲୀପ ମିଶ୍ର, ଭାଗିରଥୀ ଦାଶ, ଅନନ୍ତ ପହି, ଲଲାଟେନ୍ଦୁ ଧିର ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଇପାସ ରିଂ ରୋଡ ଦାବି ତେଜିଲା
## ୬ରୁ ଆମରଣ ଅନଶନ

ବଡବିଲ, ୨୫।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲରେ ବାଇପାସ ରିଂ ରୋଡ ନିର୍ମାଣ ଦାବିର ଆନ୍ଦୋଳନ ଦିନକୁ ଦିନ ତୀବ୍ର ରୂପ ନେବାରେ ଲାଗିଛି। ସେଥିନେଇ ସୋମବାର ସିଭିଲ ସୋସାଇଟି ଏକ ପ୍ରେସ ବିବୃତି ମାଧ୍ୟମରେ ଆସନ୍ତା ଡିସେମ୍ବର ୬ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗତ କିଛି ଦିନ ତଳେ ସିଭିଲ ସୋସାଇଟି ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପୋଷ୍ଟକାର୍ଡ ପ୍ରେରଣକରି ଦାବି ଉପସ୍ଥାପନ, ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବଙ୍କୁ ପତ୍ରାଳାପ କରି ବିଫଳ ହୋଇ ପରେ ଗତ ୧୮ ତାରିଖରେ ରାଜ୍ୟ ସୀମାନ୍ତରୁ ପଦଯାତ୍ରା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୯ ତାରିଖ ଓ ୨୦ ତାରିଖ ଦୁଇ ଦିନ ଧରି ମଧୁସୂଦନ ଛକ ନିକଟରେ ଗଣ ଧାରଣା ମଧ ଦିଆଯାଇଥିଲା। ହେଲେ ସେଥିରେ ମଧ ପ୍ରଶାସନ ତରଫରୁ କୌଣସି ସକରାତ୍ମକ ପ୍ରତିଶ୍ରୁତି ମିଳିପାରି ନ ଥିଲା। ଏହାପରେ ୨୧ ତାରିଖ ଦିନ ବଡବିଲ ଗସ୍ତରେ ଆସିଥିବା ଜିଲାପାଳଙ୍କ ସହ ଆଲୋଚନାରୁ କୌଣସି ସୁଫଳ ନ ମିଳିବାରୁ ସୋମବାର ସ୍ଥାନୀୟ ବିକାଶ ମହଲ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୋସାଇଟିର ଆବାହକ ଅଶୋକ ଠକରଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସେଠାରେ ଉପସ୍ଥିତ ଜନସାଧାରଣଙ୍କ ମତ ନେଇ ଆସନ୍ତା ଡିସେମ୍ବର ମାସ ୬ ତାରିଖ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସୋସାଇଟିର ଉପଦେଷ୍ଟା ସରୋଜ କୁମାର ମହାପାତ୍ର ନିଷ୍ପତ୍ତି ନେଇଛନ୍ତି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଚମ୍ପୁଆ, ୨୫।୧୧(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ସଭା ଗୃହଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବ୍ଲକର ୨୨ଟି ପଞ୍ଚାୟତ ଓ ଗୋଟିଏ ଏନଏସିରୁ ପ୍ରାୟ ୧୧୦ରୁ ଅଧିକ ଅଭିଯୋଗ ଶୁଣାଣି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଠାକରେ, କେନ୍ଦୁଝର ଏସପି ମିତ୍ରଭାନୁ ମହାପାତ୍ର, ପିଡି ଉଦ୍ଧବ ଚରଣ ମାଝି, ଡିଇଓ କପିଳେନ୍ଦ୍ର ମିଶ୍ର, ସିଡିଏମଓ ଡ. ଅଶୋକ ଦାସ, ଉପଜିଲାପାଳ ପ୍ରତାପ ପ୍ରୀତିମୟ, ତହସିଲଦାର ଆଲୋକ କୁମାର ପଟେଲ, ଆଇଟିଡିଏ ପ୍ରକଳ୍ପ ଅଧିକାରୀ ନାରାୟଣ ମୁର୍ମୁ, ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ଭାରପ୍ରାପ୍ତ ବିଡିଓ ଜୟଶ୍ରୀ ବେଉରାଙ୍କ ସମେତ ବିଭଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ପ୍ରଧାନ ମନ୍ତ୍ରୀ ଆବାସ ଗୃହ ସମେତ ବିଭିନ୍ନ ସମସ୍ୟା ଉପରେ ଜିଲାପାଳ ଶୁଣାଣି କରିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।


ଅଭିଯୋଗ ଶୁଣାଣିରେ ଉପସ୍ଥିତ କର୍ମକର୍ତ୍ତା ଏବଂ ଗ୍ରାମବାସୀ।

## ଅଣଛାତ୍ରଙ୍କ ପ୍ରବେଶ ନେଇ ଉତ୍ତେଜନା

ଆନନ୍ଦପୁର, ୨୫। ୧୧(ସ୍ୱ.ପ୍ର.)

ଆନନ୍ଦପୁର କଲେଜ ପରିସରରେ ଅଣଛାତ୍ରଙ୍କ ପ୍ରବେଶକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣା ଦୀର୍ଘ ତିନି ଦିନ ଧରି ଚାଲିଥିବାବେଳେ ସୋମବାର ଦିନ ଏହି ଘଟଣା ପଦାକୁ ଆସିଥିଲା। ଅଣ ଛାତ୍ରମାନେ ବିଦ୍ୟାଳୟ ପୋଷାକରେ ଏବଂ ଜାଲ୍ ପରିଚୟ ପତ୍ରରେ ଆସି ବହୁ ସମୟରେ ମହାବିଦ୍ୟାଳୟରେ ବିଭିନ୍ନ କ୍ଲାସରେ ଉପସ୍ଥିତ ରହିବା ସହିତ କଲେଜ ପରିସରରେ ବିଭିନ୍ନ ସମୟରେ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି କରୁଛନ୍ତି। ମହାବିଦ୍ୟାଳୟ ସମ୍ମୁଖ ଫାଟକରେ ସୁରକ୍ଷା କର୍ମଚାରୀ ନିୟୋଜିତ ଥିବାବେଳେ ଏଭଳି ପରିସ୍ଥିତି ସୃଷ୍ଟି ହେବାକୁ ନେଇ ନାନା ଆଲୋଚନା ହେଉଛି। ତେବେ କଲେଜର ଚତୁଃପାର୍ଶ୍ୱରେ କିଛି ଅଂଶ ପ୍ରାଚୀର ନ ଥିବାରୁ ଅଣଛାତ୍ରମାନେ ବେଧଡକ ପ୍ରବେଶ କରି ଏଭଳି ଅରାଜକତା ସୃଷ୍ଟି ହେଉଛି ବୋଲି କଲେଜ ଅଧକ୍ଷ ଡଃ. ରାଜେନ୍ଦ୍ର ନାରାୟଣ ଦାଶ ସୂଚନା ଦେଇଛନ୍ତି। ତେବେ କଲେଜର ଛାତ୍ରମାନେ ଅଣଛାତ୍ରଙ୍କ ଆକ୍ରମଣର ଶିକାର ହୋଇଥିବା କହିବା ପରେ କଲେଜ କର୍ତ୍ତୃପକ୍ଷ ଆନନ୍ଦପୁର ପୋଲିସର ସହାୟତା ଲୋଡିଛନ୍ତି। ଏହି ଘଟଣାକୁ ନେଇ ଆନନ୍ଦପୁର ଥାନା ଅଧିକାରୀ ଗଗନ ବିଶ୍ୱାଳ, ସଦଳବଳେ ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହିତ ଘଟଣା ସମ୍ପର୍କରେ ଅଧକ୍ଷଙ୍କ ସହିତ ଆଲୋଚନା କରିଥିଲେ। ତେବେ ଏହାକୁ ନେଇ କଲେଜ ପରିସରରେ ଉତ୍ତେଜନା ଦେଖାଦେଇଛି। ଏନେଇ କଲେଜ ଅଧକ୍ଷ କଡା ପଦକ୍ଷେପ ଗ୍ରହଣ କରିଥିବା କହିଥିବାବେଳେ କଲେଜ ଗେଟ୍‌ରେ ଅଣଛାତ୍ରଙ୍କ ପ୍ରବେଶ ଉପରେ କଡା ନଜର ରଖାଯାଇଛି।


ପୋଲିସ୍‌ଙ୍କ କଡ଼ା ସୁରକ୍ଷା ବଳୟରେ ଆନନ୍ଦପୁର କଲେଜ।